# ବିଜୁବାବୁଙ୍କ ମ୍ୟୁଜିକାଲ୍ ଚେୟାର

୦୬/୦୧/୧୯୯୩

ସଂସଦୀୟ ଗଣତନ୍ତ୍ରରେ ନିଜ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ କରିବାର ମୌଳିକ ଅଧିକାର ମୁଖ୍ୟମନ୍ତ୍ରୀଙ୍କର ରହିଛି । ନିଜ ସହଯୋଗୀମାନଙ୍କୁ ନିଜ ଇଚ୍ଛା ଅନୁସାରେ ବାଛିବା ଏବଂ ପ୍ରଶାସନିକ ଓ ରାଜନୈତିକ ଦିଗକୁ ଲକ୍ଷ୍ୟ ରଖି ସେମାନଙ୍କୁ ଦାୟିତ୍ୱ ଦେବା ଅଧିକାର କେବଳ ହିଁ ତାଙ୍କର । ଏ ଅଧିକାର ମୁଖ୍ୟମନ୍ତ୍ରୀଙ୍କର ରାଜନୈତିକ କର୍ତ୍ତୃତ୍ୱକୁ ସାବ୍ୟସ୍ତ କରିବା ସଂଗେ ସଂଗେ ଦଳୀୟ ସଂଗଠନ ଓ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ସହାୟକ ହୋଇଥାଏ । ପ୍ରଶାସନିକ ଦୃଷ୍ଟିରୁ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଗୋଟିଏ ସରକାରରେ ଏପରି ପରିବର୍ତ୍ତନ ମାଧ୍ୟମରେ ମନ୍ତ୍ରୀମାନଙ୍କର ଦକ୍ଷତାର ସମୀକ୍ଷା ହୋଇଥାଏ । ନୂଆ ମନ୍ତ୍ରୀ ନୂଆ ବିଭାଗରେ ଅଧିକ କ୍ରିୟାଶୀଳ ହେବାକୁ ଚେଷ୍ଟା କରିଥନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କର ଏ ଅଧିକାର ରାଜନୈତିକ ଓ ପ୍ରଶାସନିକ ଦୃଷ୍ଟିରୁ ଅଧିକ ମହତ୍ତ୍ୱ ରଖେ । ବିଜୁ ବାବୁ ତାଙ୍କ ମନ୍ତ୍ରିମଣ୍ଡଳରେ ଯେଉଁ ପରିବର୍ତ୍ତନ କଲେ ସେଥିରେ ଏପରି କୌଣସି ରାଜନୈତିକ ଓ ପ୍ରଶାସନିକ ଆବଶ୍ୟକତା ବା ପ୍ରାସଙ୍ଗିକତା ଥିବା ପରି ମନେ ହେଉନାହିଁ । ବିଜୁ ବାବୁ ନିର୍ବାଚିତ ହୋଇ ମନ୍ତ୍ରିମଣ୍ଡଳ ଗଠନ କରିବାର ଠିକ୍ ଦୁଇ ବର୍ଷ ଦଶ ମାସ ପରେ ଆଜି ପ୍ରଥମ ଥର ପାଇଁ ଏପରି ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଏହା ପୂର୍ବରୁ କେବଳ ସମ୍ପ୍ରସାରଣ ଚାଲିଥିଲା ।

ପ୍ରଥମେ ନିଜେ ଜଣକିଆ ମନ୍ତ୍ରିମଣ୍ଡଳରେ ଶପଥ ନେଲା ପରେ ପର୍ଯ୍ୟାୟକ୍ରମେ ମନ୍ତ୍ରିମଣ୍ଡଳ ବଢ଼ି ବଢ଼ି ୩୭ ଜଣିଆ ମନ୍ତ୍ରିମଣ୍ଡଳରେ ପରିଣତ ହୋଇଥିଲା । ରଘୁନାଥ ହେମ୍ବ୍ରମଙ୍କୁ ଚରିତ୍ରଗତ ଦୋଷ ଅଭିଯୋଗରେ ଇସ୍ତଫା ଦେବା ପାଇଁ ବାଧ୍ୟ କରାଯାଇ ନ ଥିଲେ କିମ୍ବା ତ୍ରିନାଥ ନାୟକଙ୍କର ଅକାଳ ବିୟୋଗ ଘଟି ନଥିଲେ ଏ ମନ୍ତ୍ରିମଣ୍ଡଳର ସଂଖ୍ୟା ଆଜି ମଧ୍ୟ ୩୭ରେ ଥଆନ୍ତା । ତେବେ ବିଜୁ ବାବୁଙ୍କ ମନ୍ତ୍ରିମଣ୍ଡଳରେ ଯେଉଁ ୩୫କୁ ସେହି ୩୫ ରହିଲେ । କିଛି କାଣ୍ଟଛାଣ୍ଟ ହେଲା ନାହିଁ । ଅଥଚ କୌତୂହଳର ବିଷୟ ଏହି ଯେ ଗତ କିଛି ମାସ ହେବ ମନ୍ତ୍ରିମଣ୍ଡଳକୁ ଛୋଟିଆ କରି ଅଧିକ ଦକ୍ଷ ଏବଂ ପ୍ରଭାବଶାଳୀ କରିବା ନିମନ୍ତେ ଗୋଟିଏ ପକ୍ଷରୁ ଯୁକ୍ତି ହେଉଥିବା ବେଳେ ଆହୁରି ଅନେକ ମାନ୍ୟବର ବିଧାୟକମାନେ ନୂଆମନ୍ତ୍ରୀ ହେବା ପାଇଁ ପାଗ ଭିଡ଼ି ବସିଥିଲେ । ଅତି କମ୍‌ରେ ଶ୍ରୀ ହେମ୍ବ୍ରମ ଓ ଶ୍ରୀ ନାୟକଙ୍କ ଜାଗାରେ ଆଉ ଦୁଇ ଜଣ କନିଷ୍ଠ ମନ୍ତ୍ରୀ ହେବେ ବୋଲି ଏହି ଦୁଇ ଜିଲ୍ଲାର ବିଧାୟକମାନେ ଆଶା ବାନ୍ଧି ବସିଥିଲେ । ଦୁଇ ବର୍ଷ ଦଶ ମାସ ତଳେ ଯେଉଁ ମୁଖ୍ୟମନ୍ତ୍ରୀ 'ମୁଁ ଏକାକୀ ଯଥେଷ୍ଟ' ବୋଲି କହି ଆସ୍ଫାଳନ କରୁଥିଲେ, ସେ କାହିଁକି ଆଜି ତାଙ୍କ ମନ୍ତ୍ରିମଣ୍ଡଳରେ କାଣ୍ଟଛାଣ୍ଟ କରିବା ପାଇଁ ସାହସ ସଂଗ୍ରହ କରିପାରୁ ନାହାନ୍ତି ? ଗତ କେତେ ଦିନ ହେବ, ମନ୍ତ୍ରିମଣ୍ଡଳରେ ଆସନ୍ନ ପରିବର୍ତ୍ତନ ପ୍ରସଙ୍ଗ ସବୁ ସ୍ତରରେ ଚର୍ଚ୍ଚାର ବିଷୟ ହୋଇ ପଡ଼ିଥିଲା । ତେବେ ଏହି ପରିବର୍ତ୍ତନ କେବଳ ବିଭାଗ ଅଦଳ ବଦଳରେ ହିଁ ସୀମିତ ରହିବ ବୋଲି କେହି ଭାବୁ ନଥିଲେ । ବିଭାଗର ଯେଉଁ ଅଦଳବଦଳ ହେଲା, ତହିଁରେ ମୁଖ୍ୟମନ୍ତ୍ରୀ ନିଜର ରାଜନୈତିକ କର୍ତ୍ତୃତ୍ୱର ପ୍ରମାଣ ତ ଦେଇ ନାହାନ୍ତି

## ଆମଘରର ହାଲ୍‌ଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ପ୍ରଶାସନିକ ଅନୁଭବ ଦକ୍ଷତା ଏବଂ ଦୂରଦୃଷ୍ଟିର ପରିଚୟ ମଧ୍ୟ ମିଳିଲା ନାହିଁ । ପ୍ରଶାସନିକ ଦୃଷ୍ଟିରୁ ୩ ଜଣ ରାଷ୍ଟ୍ରମନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇ ସ୍ୱୀକୃତି ପ୍ରଦାନ ପୂର୍ବକ ପୁରସ୍କୃତ କରାଗଲା ବୋଲି କୁହାଯାଇ ପାରେ । ଠିକ୍ ସେହି ନ୍ୟାୟରେ ଯେଉଁମାନଙ୍କ ବିଭାଗରେ କାଣ୍ଟଛାଣ୍ଟ କରାଗଲା, କିମ୍ବା ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରାଗଲା ସେମାନଙ୍କୁ ତିରସ୍କାର କରାଗଲା ବୋଲି କହିବାକୁ ହେବ । ତେବେ କେଉଁ କେଉଁ କାରଣ ଯୋଗୁ କିଛି ଲୋକଙ୍କୁ ପୁରସ୍କୃତ କରାଗଲା ଓ ଆଉ କିଛି ଲୋକ ତିରସ୍କୃତ ହେଲେ ତାହା କହିବା ସବୁ କ୍ଷେତ୍ରରେ ସହଜ ନୁହେଁ । ସବୁ କ୍ଷେତ୍ରରେ ଦକ୍ଷତାର ସଠିକ ସମୀକ୍ଷା କରାଯାଇଛି ବୋଲି କହିହେବ ନାହିଁ । ବରଂ ପ୍ରଶାସନିକ ଦକ୍ଷତା ଓ ରାଜନୈତିକ ବାଧ୍ୟବାଧକତାର ବିରୋଧାଭାଷ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତୃତ୍ୱ ଯେ ଅନେକାଂଶରେ ସଂକୁଚିତ ଏ କଥା ସ୍ପଷ୍ଟ ପ୍ରମାଣିତ ହେଉଛି । ବିଜୁ ବାବୁ ଓ ତାଙ୍କର ଏକ ପ୍ରଭାବଶାଳୀ ଗୋଷ୍ଠୀକୁ କେତେକ ବରିଷ୍ଠ ମନ୍ତ୍ରୀ ଯେପରି ଖୋଲାଖୋଲି ଭାବେ ସମାଲୋଚନା କରୁଥିଲେ, ସେଥିପାଇଁ ହୁଏତ ସେମାନଙ୍କୁ ଠିକଣା ପଣେ ଦିଆଗଲା ବୋଲି ଅନେକେ ଭାବୁଥିବେ । ଆଉ କେତେକ କ୍ଷେତ୍ରରେ ପ୍ରଶାସନିକ ଦକ୍ଷତାର ଘୋର ଅଭାବ ପାଇଁ ପରିବର୍ତ୍ତନ କରାଗଲା ବୋଲି କୁହାଯାଇ ପାରେ । ସ୍ୱାସ୍ଥ୍ୟ ବିଭାଗ, ବହୁ ଦିନରୁ ପ୍ରଶାସନିକ ଅବହେଳାର ଶିକାର ହୋଇ ପଡ଼ିରହିଥିଲା । ଖୋଦ୍ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀଙ୍କର ମଧ୍ୟ ସରକାରୀ ହସପିଟାଲରେ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ । ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ମୁସ୍ତାଫିଜ୍ ଅହମ୍ମଦଙ୍କ ହାତରୁ ସ୍ୱାସ୍ଥ୍ୟ ବିଭାଗ କାଢ଼ି ନିଆଯାଇ ଥିଲା ବୋଲି ସେ ମଧ୍ୟ ଅଭିମାନ କରି ରହିଥିଲେ । କଟକ ସହର ରାଜନୀତିକୁ ଆଖି ଆଗରେ ରଖି ତାଙ୍କୁ ତାଙ୍କ ପୁରୁଣା ବିଭାଗ ଫେରେଇ ଦିଆଗଲା । ତାଙ୍କ ଅଭିମାନ ମେଣ୍ଟିଲା । ପୂର୍ତ୍ତ ବିଭାଗରେ ଜଣେ କନିଷ୍ଠ ରାଷ୍ଟ୍ରମନ୍ତ୍ରୀଙ୍କର ଆଦୌ ଆବଶ୍ୟକତା ଅନୁଭୂତ ହେଉନଥିଲା । ବରଂ ଅନେକ କ୍ଷେତ୍ରରେ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିଲା । ତେଣୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଜେଲ୍ ବିଭାଗକୁ ଠେଲିଦେଇ ନିଜର ଘରୋଇ ଦାୟିତ୍ୱ ଲାଘବ କଲେ । ପ୍ରସନ୍ନ ବାବୁ କଟକର ମଦମୃତ୍ୟୁ ଦୁର୍ଘଟଣା ଏବଂ ସରକାରଙ୍କର ଅବକାରୀ ନୀତିର ବାରମ୍ବାର ପରିବର୍ତ୍ତନ କରିବା ପାଇଁ ବାଧ୍ୟ ହୋଇ ନିଜେ ଅସ୍ୱସ୍ତି ଅନୁଭବ କରୁଥିଲେ ଏବଂ ପଶ୍ଚିମ ଓଡ଼ିଶା ରାଜନୀତି ଭିନ୍ନ ରୂପ ନେଉଥିଲା । ତାଙ୍କୁ ଗ୍ରାମ୍ୟ ଉନ୍ନୟନ ପରି ଏକ ବିରାଟ ବିଭାଗ ଦେଇ ସନ୍ତୁଷ୍ଟ କରାଗଲା ତ ସେଥିରୁ ଖଣ୍ଡେ ଚିରାଇ ଆଣି ପଦୋନ୍ନତି ପାଇଥିବା ସହରାଇ ଓରାମଙ୍କୁ ଦିଆଗଲା ।

ଦକ୍ଷତା ଭିତ୍ତିରେ କିଛି ମନ୍ତ୍ରୀଙ୍କୁ ବାଦ୍ ଦେଇ ଗୋଟିଏ ଛୋଟିଆ ମନ୍ତ୍ରିମଣ୍ଡଳ ଗଢ଼ିଥିଲେ ଅଧିକ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ହୋଇଥାନ୍ତା । କିନ୍ତୁ ମୁଖ୍ୟମନ୍ତ୍ରୀ ତାହା କଲେ ନାହିଁ । ଶେଷରେ ଏହା ଏପରି ଏକ ମ୍ୟୁଜିକାଲ୍ ଚେୟାର ଖେଳ ପରି ହେଲା ଯେଉଁଥିରେ ଗୀତ ଓ ବାଜା ବାଜିଲା, ଆଶା ଓ ଆଶଙ୍କା ପଛରେ ସମସ୍ତେ ଧାଇଁଲେ, କିନ୍ତୁ ଗୀତ ଶେଷ ହେଲା ବେଳକୁ ଚୌକୀ ସଂଖ୍ୟା ସେହି ୩୫ ହିଁ ରହିଥିବାରୁ ସମସ୍ତେ କେବଳ ନୂଆ ନୂଆ ଜାଗାରେ ବସିଲେ । ଚେୟାର କେତୋଟି କାଢ଼ିଦେଇ ଖେଳକୁ ଆଗେଇ ନେବାପାଇଁ ବିଜୁ ବାବୁଙ୍କର ସାହସ ବୋଧହୁଏ ହେଲାନାହିଁ ।